## ଖଣିଜ ପଦାର୍ଥ ଚୋରା କାରବାର: ୫ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରୁ ଖଣିଜ ପଦାର୍ଥ ଚୋରି କରୁଥିବା ଏକ ର୍ୟାକେଟକୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଧରିଛି। ଘଟଣାରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨୩୦ ଟନ ଚୋରା ହାର୍ଡ କୋକ୍, ୫ ଟନ୍ ଫେରୋକ୍ରୋମ୍, ୪୫ ଟନ୍ ଷ୍ଟିମ୍ କୋକ୍, ୩ ଟନ୍ ଲୁହାପ୍ଲେଟ, ୭ଟନ୍ ଲୁହାରଡ୍ ଜବତ କରାଯାଇଛି। ଏଥିସହ ଆଇରନ ପ୍ଲେଟ ଭର୍ତ୍ତି ୧୪ ଚକିଆ ଟ୍ରକ, ୨ ଜେସିବି, ଗୋଟିଏ ହାଇୱା ଜବତ ହୋଇଛି। ଏହି ର୍ୟାକେଟରେ ଆଉ କେଉଁମାନେ ସମ୍ପୃକ୍ତ ସେନେଇ ଏସଟିଫ୍ ଅଧିକ ଖୋଳତାଡ଼ ଜାରି ରଖିଛି।



## ସଂକ୍ଷେପରେ

### ୨୫୧ ସଂକ୍ରମିତ ଚିହ୍ନଟ, ମୃତ୍ୟୁ ସଂଖ୍ୟା ୩୪

**ଢେଙ୍କାନାଳ ଅଫିସ, ୨୦।୫:** ଢେଙ୍କାନାଳ ଜିଲାରେ ଆଉ ଏକ ମୁଣ୍ଡ ନେଇଛି କରୋନା। ମୃତକ ହେଲେ ୫୪ ବର୍ଷ ବୟସ୍କ ଜଣେ ବ୍ୟକ୍ତି। ଏହାପରେ କରୋନାଜନିତ ମୋଟ ମୃତ୍ୟୁ ସଂଖ୍ୟା ୩୪ରେ ପହଞ୍ଚିଛି। ସେହିପରି ଗୁରୁବାର ଦିନକରେ ୨୫୧ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୨୩୬ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୨୩୦ଜଣ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ୨୧ ଜଣ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସଂକ୍ରମଣ ବଢୁଥିବାରୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ପରଜଙ୍ଗ ବ୍ଲକ କଲଦା ପଞ୍ଚାୟତର ସିଙ୍ଗଡା ଗ୍ରାମକୁ ୨୦ ତାରିଖ ସକାଳ ୭ଟାରୁ ୨୭ ତାରିଖ ସକାଳ ୭ଟା ଯାଏ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ପରଜଙ୍ଗ ବ୍ଲକର ସର୍ବାଧିକ ୪୬ ଜଣ ଅଛନ୍ତି। ସେହିପରି ସଦର ବ୍ଲକରୁ ୩୭, ଗଁଦିଆ ବ୍ଲକରୁ ୩୬, ଢେଙ୍କାନାଳ ପୌରାଞ୍ଚଳରୁ ୩୧, ଓଡ଼ାପଡ଼ା ବ୍ଲକରୁ ୨୮, କାମାକ୍ଷାନଗର ବ୍ଲକରୁ ୨୨ ଓ ଏନ୍ଏସିରୁ ୫, ଭୁବନ ବ୍ଲକରୁ ୧୮ ଓ ଏନ୍ଏସିରୁ ୪, ହିନ୍ଦୋଳ ବ୍ଲକରୁ ୧୦ ଓ ଏନ୍ଏସିରୁ ୭, କଙ୍କଡ଼ାହାଡ଼ ବ୍ଲକରୁ ୩ ଏବଂ ବିଭିନ୍ନ ଚିକିତ୍ସାଳୟରୁ ୪ଜଣ ଚିହ୍ନଟ ହୋଇଛନ୍ତି। ଜିଲାରେ ୧,୮୪୫ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଗୋରୁ ବୋଝେଇ ଗାଡ଼ି ଜବତ, ୩ ଗିରଫ

**ଢେଙ୍କାନାଳ ଅଫିସ, ୨୦।୫:** ଢେଙ୍କାନାଳ ଜିଲା ଗଁଦିଆ ଥାନା ଗୋପାଳପୁର ଗ୍ରାମ ନିକଟରୁ ଗୁରୁବାର ଭୋର୍ ସମୟରେ ଏକ ଗୋରୁ ବୋଝେଇ ମିନି ପିକ୍‌ଅପ୍ ଭ୍ୟାନ ଜବତ ହୋଇଛି। ଗାଡ଼ିରୁ ୫ ଗୋରୁ ଉଦ୍ଧାର କରାଯାଇଛି। ଭୁବନ ଅଞ୍ଚଳକୁ ଉକ୍ତ ଗୋରୁ ଚାଲାଣ କରାଯାଉଥିବାବେଳେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀମାନେ ଗାଡ଼ିକୁ ଅଟକ ରଖି ପୋଲିସ ଜିମା ଦେଇଥିଲେ। ଏହି ଘଟଣାରେ ଅଜୟ ବେହେରା, ପ୍ରଦୀପ୍ତ ଷଣ୍ଢ ଏବଂ ସର୍ବେଶ୍ୱର ବେହେରା ଗିରଫ ହୋଇଛନ୍ତି। ଏ ନେଇ ନଂ. ୧୨୮/୨୧ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ବିଷ୍ଣୁଚରଣ ବାରିକ ସୂଚନା ଦେଇଛନ୍ତି।

### କୃଷିବୈଜ୍ଞାନିକଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୨୦।୫:** ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ମନୋରଞ୍ଜନ ମହାନ୍ତିଙ୍କ ବୁଧବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ କରୋନାରେ ଆକ୍ରାନ୍ତ ହୋଇ ଗତ ୩ ତାରିଖଠାରୁ ଚିକିତ୍ସାଧୀନ ଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତରଖାନା ପକ୍ଷରୁ ସ୍ପଷ୍ଟ କରାଯାଇଛି। ଜଣେ ମିଷ୍ଟଭାଷୀ ଓ ସରଳ ମଣିଷ ଭାବେ ମନୋରଞ୍ଜନ ପରିଚିତ ଥିଲେ। ଦୀର୍ଘବର୍ଷ ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟକରି ସେ କୃଷିର ଉନ୍ନତି ଲାଗି ବହୁ କାର୍ଯ୍ୟ କରିଛନ୍ତି। ତାଙ୍କ ବିୟୋଗରେ କୃଷି ଓ ଆନୁଷଙ୍ଗିକ ବିଭାଗ, ଚାଷୀ ସମାଜ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି।

# ସୁରକ୍ଷା ଚିନ୍ତାରେ ସମ୍ମୁଖଯୋଦ୍ଧା

ଭୁବନ, ୨୦।୫(ଡି.ଏନ.ଏ.)

■୨୪ରୁ ଘର ସର୍ଭେ, ଏଯାଏ ମିଳିନି ପ୍ରଶିକ୍ଷଣ
■ଅଙ୍ଗନୱାଡି କର୍ମୀଙ୍କ ଭିତରେ ବଢୁଛି ଅସନ୍ତୋଷ
■ଆନୁଷଙ୍ଗିକ ଉପକରଣ ଯୋଗାଇବାକୁ ଦାବି



କରୋନାର ଦ୍ୱିତୀୟ ଲହର ଦିନକୁ ଦିନ ମାରାତ୍ମକ ହେବାରେ ଲାଗିଛି। ଦ୍ରୁତଗତିରେ ବଢୁଥିବା ସଂକ୍ରମଣ ସ୍ୱାସ୍ଥ୍ୟ ବିଭାଗର ନିଦ ହଜାଇ ଦେଇଛି। ସଂକ୍ରମଣ ଚେନ୍ ଭାଙ୍ଗିବା ଏବଂ ମହାମାରୀକୁ ପ୍ରତିରୋଧ କରିବାକୁ ମେ ୨୪ରୁ ଘରକୁ ଘର ବୁଲି ସର୍ଭେ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି ସରକାର। ଅମ୍ଳଜାନ ସ୍ତର, ତାପମାତ୍ରା ଏବଂ ଲକ୍ଷଣ ଯାଞ୍ଚ ଦ୍ୱାରା ସନ୍ଦିଗ୍ଧ ଆକ୍ରାନ୍ତଙ୍କୁ ଚିହ୍ନଟ କରିହେବ ବୋଲି କୁହାଯାଉଛି। ହେଲେ ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ୍) ଆନୁକୂଲ୍ୟରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀଙ୍କୁ ଏଯାଏ ସର୍ଭେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇନାହିଁ। ବିନା ସୁରକ୍ଷା ସରଞ୍ଜାମରେ ଏଭଳି ଗୁରୁଦାୟିତ୍ୱ ଦିଆଯାଇଥିବା ବେଳେ ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଭୁବନ ବ୍ଲକର ଏହି ସମ୍ମୁଖଯୋଦ୍ଧା।

ଢେଙ୍କାନାଳ ଜିଲାର ଭୁବନ ବ୍ଲକ କରୋନାର ନୂଆ ହଟ୍‌ସ୍ପଟ ପାଲଟିଛି। ଏନ୍ଏସି ସମେତ ବ୍ଲକର ଗ୍ରାମାଞ୍ଚଳରେ ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାକୁ ରୋକିବାକୁ ନୂଆ ସରକାରୀ ଗାଇଡ୍‌ଲାଇନ୍ ଅନୁଯାୟୀ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ତଦନୁଯାୟୀ ଆସନ୍ତା ୨୪ ତାରିଖଠାରୁ ଘରକୁ ଘର ବୁଲି ସର୍ଭେ ଆରମ୍ଭ ହେବ। ଏଥିରେ ଏଏନ୍ଏମ୍, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ, ଗାଁ କଲ୍ୟାଣ ସମିତି ସଦସ୍ୟଙ୍କ ସମେତ ବ୍ଲକ ଅଧୀନ ୧୮ ପଞ୍ଚାୟତର ୨୬୯ ଅଙ୍ଗନୱାଡି କର୍ମୀ ସାମିଲ ହୋଇଛନ୍ତି। କେବଳ ଭୁବନ ଏନ୍ଏସିର ୧୫ଟି ୱାର୍ଡ ପାଇଁ ୫୧ ଜଣ ଅଙ୍ଗନୱାଡି କର୍ମୀଙ୍କୁ ନିୟୋଜିତ କରାଯାଇଛି। ସର୍ଭେକୁ ମଝିରେ ମାତ୍ର ୩ଦିନ ବାକିଥିବାବେଳେ ଏଯାଏ ସମ୍ମୁଖ ଯୋଦ୍ଧାଙ୍କୁ ପ୍ରଶିକ୍ଷଣ ଦିଆଯାଇନି। କିଟ୍ ମଧ୍ୟ ପ୍ରଦାନ କରାଯାଇନାହିଁ। ସର୍ଭେ ସମ୍ପର୍କରେ ଠିକ୍ ଭାବେ ଅବଗତ ନ ଥିବାରୁ ସେମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ସେମାନଙ୍କ କହିବା କଥା, ସର୍ଭେ ସମୟରେ କ'ଣ ପ୍ରଶ୍ନ ପଚରାଯିବ, କିଭଳି ପରୀକ୍ଷା କରାଯିବ ଏବଂ ଲୋକଙ୍କ ମନରୁ ଦ୍ୱନ୍ଦ୍ୱ ଦୂର କରାଯାଇପାରିବ ତାହା ଜଣେ ସମ୍ମୁଖଯୋଦ୍ଧା ଜାଣିବା ନିହାତି ଆବଶ୍ୟକ। ଏହା ନ ହେଲେ ସର୍ଭେ ସଫଳ ହେବନାହିଁ। ଅନ୍ୟପଟେ ଲକ୍ଷଣବିହୀନ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଅଜାଣତରେ ସଂକ୍ରମଣର ଶିକାର ହେଲେ ଓଲଟି ସେମାନଙ୍କ ପରିବାର ଲୋକଙ୍କ ଜୀବନ ବିପଦରେ ପଡ଼ିବ। ତେଣୁ ତୁରନ୍ତ ପରୀକ୍ଷା କିଟ୍, ପିପିଇ କିଟ୍, ଆବଶ୍ୟକ ସୁରକ୍ଷା ସରଞ୍ଜାମ ଯୋଗାଇ ଦେବା ସହିତ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଅଙ୍ଗନୱାଡି କର୍ମୀମାନେ ଦାବି କରିଛନ୍ତି।

### କ'ଣ କହନ୍ତି ଏମାନେ

**କିଟ୍ ମିଳିନି କି ତାଲିମ ଦିଆଯାଇନି**



"ମେ ୨୪ ତାରିଖରୁ ଆଶାକର୍ମୀ ଏବଂ ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ବୁଲି ସର୍ଭେ କରିବେ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏବେ ସୁଦ୍ଧା ସରକାରଙ୍କ ପକ୍ଷରୁ କିଟ୍ ମିଳିନାହିଁ। କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇନାହିଁ। ଏହାକୁ ନେଇ ଚିନ୍ତାରେ ପଡିଛୁ।

–ପ୍ରମୋଦିନୀ ତ୍ରିପାଠୀ, ସିଡିପିଓ, ଭୁବନ

**କୌଣସି ସ୍ପଷ୍ଟ ତଥ୍ୟ ନାହିଁ**



"ସର୍ଭେରେ ନିୟୋଜିତ ହେବାକୁ ଥିବା ଅଙ୍ଗନୱାଡି କର୍ମୀମାନେ ଲୋକଙ୍କୁ କିପରି ପରୀକ୍ଷା କରାଯିବ, ସେ ନେଇ ବାରମ୍ବାର ପଚାରୁଛନ୍ତି। ହେଲେ ଆମ ପାଖରେ ଏ ସଂକ୍ରାନ୍ତରେ କୌଣସି ସ୍ପଷ୍ଟ ତଥ୍ୟ ନାହିଁ। ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ କିମ୍ବା ଜିଲା ପ୍ରଶାସନ ପକ୍ଷରୁ ତଥ୍ୟ ମିଳିବ ବୋଲି ଅନୁମାନ କରୁଛୁ।

–ନିର୍ମଳା ସେଠୀ, ଅଙ୍ଗନୱାଡି ସୁପରଭାଇଜର

**ପରିବାରକୁ ବିପଦ ବଢ଼ିବ**



"କରୋନା ସହିତ ଲଢ଼େଇ କରିବାକୁ ସରକାର ଆମକୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବା ସ୍ୱାଗତଯୋଗ୍ୟ। ହେଲେ ଏବେ ଯାଏ ସର୍ଭେ ସମ୍ପର୍କରେ ତାଲିମ ଦିଆଯାଇନାହିଁ। ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ଘରକୁ ଫେରିଲେ ପରିବାର ସଦସ୍ୟଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ଏଥିପ୍ରତି ସରକାର ଗୁରୁତ୍ୱ ଦେବା ଜରୁରୀ।

–ବିଜୁଳିବତୀ ବେହେରା, ଅଙ୍ଗନୱାଡି କର୍ମୀ

**ବିନା ପ୍ରସ୍ତୁତିରେ କାମ କରିବା କଷ୍ଟକର**



"ଆସନ୍ତା ୨୪ ତାରିଖରୁ ଏନ୍ଏସି ଅଞ୍ଚଳରେ ଘର ଘର ବୁଲି ସର୍ଭେ କରିବାକୁ ଦାୟିତ୍ୱ ମିଳିଛି। ହେଲେ ଅଦ୍ୟାବଧି ସୁରକ୍ଷା କିଟ୍ ପହଞ୍ଚିନାହିଁ। ସର୍ଭେ ପୂର୍ବରୁ କିଟ୍ ନ ପହଞ୍ଚିଲେ ସମସ୍ୟା ବଢ଼ିବ। ବିନା ପ୍ରସ୍ତୁତି ଏବଂ ପ୍ରଶିକ୍ଷଣରେ କାମ କରିବା କଷ୍ଟକର ହୋଇପଡ଼ିବ।

–ରଞ୍ଜିତା ଚୌଧୁରୀ, ଅଙ୍ଗନୱାଡି କର୍ମୀ

# ୨୨ କୁଇଣ୍ଟାଲ ମହୁଲ ଜବତ

ପରଜଙ୍ଗ, ୨୦।୫(ଡି.ଏନ୍.ଏ.)

■ପିକ୍‌ଅପ୍ ଭ୍ୟାନ୍‌ରେ ଚୋରା ଚାଲାଣ ହେଉଥିଲା
■ମାଡ଼ିବସିଲା ପୋଲିସ, ୩ ଅଭିଯୁକ୍ତ ଗିରଫ

ଢେଙ୍କାନାଳ ଜିଲା ପରଜଙ୍ଗ ପୋଲିସ ବୁଧବାର ରାତିରେ ଏକ ଚୋରା ମହୁଲ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଗାଡ଼ିରୁ ୫୨ ବସ୍ତାରେ ଥିବା ୨୨ କୁଇଣ୍ଟାଲ ମହୁଲ ଜବତ କରାଯାଇଛି। ଏହି ଘଟଣାରେ ଅନୁଗୋଳ ଜିଲା ରେଙ୍ଗାଳି ଗ୍ରାମର ପୁରନ୍ଦର ସେଠୀ, ଖମାର ଗ୍ରାମର ରୂପ ଶିଙ୍ଘୁ ଏବଂ ପରଜଙ୍ଗ ବ୍ଲକ ସରକିଶୋରପାଳ ଗ୍ରାମର ପଞ୍ଚାନନ ମହାରଣା ଗିରଫ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡି ୧୯ ଏସ୍ ୭୩୮୬)ରେ ରେଙ୍ଗାଳି ବାମ କେନାଲ ରାସ୍ତାରେ ମହୁଲ ଚୋରା ଚାଲାଣ କରାଯାଉଥିଲା। ସୂଚନା ପାଇ ପୋଲିସ ପିଛା କରି ବସୁଲେଇ ଗ୍ରାମ ନିକଟରୁ ଗାଡ଼ିକୁ ଧରିଥିଲା। ଏ ସଂକ୍ରାନ୍ତରେ ଥାନାଧିକାରୀ ସୌଭାଗ୍ୟ ସ୍ୱାଇଁ କୁହନ୍ତି, ଅଭିଯୁକ୍ତମାନେ ମହୁଲି ମଦ ପ୍ରସ୍ତୁତ କରିବାକୁ ଏହି ମହୁଲ ଚାଲାଣ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏଥିରେ ଅନ୍ୟ ୨ଜଣ ସମ୍ପୃକ୍ତ ଅଛନ୍ତି। ଉଭୟଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଏଭଳି ବେଆଇନ କାରବାର ରୋକିବାକୁ ବିଭିନ୍ନ ସ୍ଥାନରେ ଅତର୍କିତ ଚଢ଼ାଉ କରାଯାଉଛି। ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।



ଜବତ ମହୁଲ ।

# ମଦ ଦୋକାନରେ କଟକଣାକୁ 'ଫୁ'

କାମାକ୍ଷାନଗର, ୨୦।୫(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଞ୍ଚଳରେ ଥିବା ଅଧିକାଂଶ ବିଦେଶୀ ମଦ ଦୋକାନରେ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ହେଉଛି। କୋଭିଡ୍ ଗାଇଡ୍‌ଲାଇନ୍ ଭାଙ୍ଗି ମଦ ବିକ୍ରି କରାଯାଉଥିବାବେଳେ ଏହାଦ୍ୱାରା ଗୋଷ୍ଠୀ ସଂକ୍ରମଣ ଆଶଙ୍କା ସୃଷ୍ଟି ହୋଇଛି।

ମଦ ଦୋକାନରେ ଗହଳି ଏଡ଼ାଇବାକୁ ସରକାର ଅଫ୍‌ଲାଇନ୍ ବିକ୍ରି ଉପରେ କଟକଣା ଲଗାଇବା ସହ ହୋମ୍ ଡେଲିଭରି କରାଯାଇପାରିବ ବୋଲି ନୂତନ ନିୟମ ଆଣିଛନ୍ତି। ହେଲେ କାମାକ୍ଷାନଗର ସହର ସମେତ ଗ୍ରାମାଞ୍ଚଳରେ ଥିବା ବିଦେଶୀ ମଦ ଦୋକାନରେ ହୋମ୍ ଡେଲିଭରିକୁ ଗୁରୁତ୍ୱ ଦିଆଯାଉନାହିଁ। ନିୟମ ଭାଙ୍ଗି ଏବେ ବି କାଉଣ୍ଟରରେ ମଦ ବିକ୍ରି ହେଉଛି। ଲକ୍‌ଡାଉନ୍ ସମୟରେ ଜରୁରୀ କାର୍ଯ୍ୟରେ ସାଧାରଣ ଲୋକ ପଦାକୁ ଆସିଲେ ପୋଲିସ ଆକ୍ରୋଶର ଶିକାର ହେଉଥିବାବେଳେ ମଦ ଦୋକାନରେ କଟକଣାର ଖୋଲାଖୋଲି ଉଲ୍ଲଂଘନ ହେବା ସାଧାରଣରେ ଅସନ୍ତୋଷ ବଢ଼ାଉଛି। ପୋଲିସ ଏବଂ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ କାମାକ୍ଷାନଗର ଅବକାରୀ ବିଭାଗ ସବ୍‌ଇନ୍ସପେକ୍ଟର ମାନସୀ ସାହୁ କୁହନ୍ତି, ଏନ୍ଏସିରେ ଥିବା ବିଦେଶୀ ମଦ ଦୋକାନ ବିରୋଧରେ ଗାଇଡ୍‌ଲାଇନ୍ ଉଲ୍ଲଂଘନ ଅଭିଯୋଗ ଆସିବା ପରେ ଗୁରୁବାର ବିଭାଗର ଜଣେ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ତଥାପି କଟକଣା ଭାଙ୍ଗି ବ୍ୟବସାୟ କରାଯାଉଥିବା ଶୁଣିବାକୁ ମିଳୁଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିପର୍ଯ୍ୟସ୍ତ ପରିମଳ, ବଢୁଛି ଅସନ୍ତୋଷ

ଢେଙ୍କାନାଳ ଅଫିସ, ୨୦।୫

କୋଭିଡ୍ ମହାମାରୀ ସମୟରେ ସହରାଞ୍ଚଳର ପରିମଳ ବ୍ୟବସ୍ଥା ସଜାଡ଼ିବା ଉପରେ ସରକାର ଗୁରୁତ୍ୱ ଦେଉଥିବାବେଳେ ଢେଙ୍କାନାଳରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ସହରର ଗଳିକନ୍ଦି କୁଢ଼କୁଢ଼ ଆବର୍ଜନାରେ ଭର୍ତ୍ତି ହୋଇଛି। ଏହାର ପରିଚାଳନାରେ ପୌର ପ୍ରଶାସନ ଯେତିକି ତତ୍ପରତା ଦେଖାଇବା କଥା, ତାହା ହେଉ ନ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ୍ ମରାମତି, ପଙ୍କ ଉଦ୍ଧାର, କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସହରବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ କାଉନସିଲର ଶିଶିର ଦଳେଇ, ଯୁବ ବିଜେଡି ସାଧାରଣ ସମ୍ପାଦକ ଅବିନାଶ ଜେନା, ଚିତ୍ତରଞ୍ଜନ ସାହୁ, ମଦନମୋହନ ବେହେରା, ବ୍ରହ୍ମାନନ୍ଦ ମଲ୍ଲିକ, ଚନ୍ଦନ ବେହେରା, ଗିରିଧାରୀ ମହାଳିକ, ରବିନାରାୟଣ ପାଣି, ଆଲୋକ ରଥ, ଚନ୍ଦନ ସାହୁ, ଆଶୁତୋଷ ନାୟକ, ଅଶୋକ ସାହୁ, ମନମୋହନ ତ୍ରିପାଠୀ ପ୍ରମୁଖ ଚେତାବନୀ ଦେଇଛନ୍ତି।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ବୁଦ୍ଧିଜୀବୀମାନେ।




୧୪ତମ ଶ୍ରାଦ୍ଧବାର୍ଷିକୀ
ସ୍ୱର୍ଗତା ଶର୍ମିଷ୍ଠା ମିଶ୍ର (ସିପୁ)
ଆବିର୍ଭାବ: ୨୧।୦୬।୧୯୮୪
ତିରୋଧାନ: ୨୨।୦୫।୨୦୦୭
ହତଭାଗ୍ୟ ସ୍ୱାମୀ– ରଶ୍ମିରଞ୍ଜନ ପାଢ଼ୀ (ଲିଲୁ)
ଆଜି ୧୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପାଢ଼ୀ ପରିବାର ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
Beauty Palace NX, Jawahar Chouk, Dhenkanal


# ପୁଣି ଅଛୁଆଁ ହେଲା ମୃତଦେହ

ପରଜଙ୍ଗ, ୨୦।୫(ଡି.ଏନ.ଏ.)

■କରୋନା ଭୟରେ କେହି ପାଖମାଡ଼ିଲେନି
■ଅପରାହ୍ନ ଯାଏ ପଡ଼ିରହିଲା ମରଶରୀର
■ପ୍ରଶାସନ, ସମ୍ପର୍କୀୟ କଲେ ଶେଷକୃତ୍ୟ

କରୋନା ପାଇଁ ବଦଳିଯାଉଛି ରକ୍ତସମ୍ପର୍କ। ଭୂତାଣୁ ଭୟରେ ମୃତଦେହର ପାଖ ମାଡୁନାହାନ୍ତି ସମ୍ପର୍କୀୟ କି ପାଖପଡ଼ୋଶୀ। ଫଳରେ ଘଣ୍ଟା ଘଣ୍ଟା ଧରି ଘରେ ପଡ଼ିରହୁଛି ମରଶରୀର। ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଙ୍କଡ଼ାସୋଡ଼ା ଗ୍ରାମରେ ଗୁରୁବାର ଏଭଳି ଏକ ଘଟଣା ଘଟିଛି। ଗ୍ରାମର ଦୁଃଖବନ୍ଧୁ ଦାସ (୨୭)ଙ୍କ ଦେହାନ୍ତ ପରେ ମୃତଦେହକୁ କାନ୍ଧ ଦେବାକୁ କେହି ଆସି ନ ଥିଲେ। ଫଳରେ ପୂର୍ବାହ୍ନ ସାଢ଼େ ୧୦ଟାରୁ ଅପରାହ୍ନ ୫ଟା ଯାଏ ଘରେ ପଡ଼ି ରହିଥିଲା ମୃତଦେହ। ତହସିଲଦାର, ବିଡିଓ, କେତେଜଣ ବିଜେଡି କର୍ମୀ ଏବଂ ହାତଗଣତି ସମ୍ପର୍କୀୟଙ୍କ ଉଦ୍ୟମରେ ଦୁଃଖବନ୍ଧୁଙ୍କ ଶବ ମଶାଣିକୁ ଯାଇଥିଲା।

ସୂଚନାଯୋଗ୍ୟ, ଦୁଃଖବନ୍ଧୁ କିଛିଦିନ ତଳେ କରୋନାରେ ସଂକ୍ରମିତ ହୋଇଥିଲେ। ଚିକିତ୍ସା ପରେ ସେ ଆରୋଗ୍ୟ ହୋଇସାରିଥିଲେ। ତେବେ ହଠାତ୍ ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହେଲେ କରୋନା ଭୟରେ ସାହିଭାଇ ପାଖ ମାଡ଼ି ନ ଥିଲେ। ଫଳରେ ଦୀର୍ଘ ସମୟ ଧରି ମୃତଦେହ ପଡ଼ିରହିଥିଲା। ସୂଚନା ପାଇ ତହସିଲଦାର ଜୟନ୍ତ କୁମାର ଜୟସିଂ, ବିଡିଓ ବସନ୍ତ କୁମାର ମଲ୍ଲିକ, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ କୁମାର ଦାସ, ବିଜେଡିର ଅମୃତାନନ୍ଦ ଦଳବେହେରା, ସୁବ୍ରତ ରାଉତ, ଶୁଭେନ୍ଦୁ ରାଉତ ପହଞ୍ଚିଥିଲେ। ମୃତ ଦୁଃଖବନ୍ଧୁଙ୍କ ୨ଜଣ ସମ୍ପର୍କୀୟଙ୍କ ସହାୟତାରେ ପିପିଇ କିଟ୍ ପିନ୍ଧି ମୃତଦେହ ଶ୍ମଶାନକୁ ନିଆଯାଇ ଦାହ କରାଯାଇଥିଲା।



ଦୁଃଖବନ୍ଧୁଙ୍କ ମରଶରୀର ଶ୍ମଶାନକୁ ନିଆଯାଉଛି।

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ଏଭଳି ଘଟଣାର ପୁନରାବୃତ୍ତି ହେଉଛି। କେହି ଜଣେ ମରିଗଲେ ମୃତଦେହ ଶ୍ମଶାନକୁ ନେବାକୁ ପାଖପଡ଼ୋଶୀ ପଛଘୁଞ୍ଚା ଦେଉଛନ୍ତି। ତେଣୁ ପ୍ରଶାସନ ଏବଂ ସ୍ୱେଚ୍ଛାସେବୀଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ପଡୁଛି। କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ମୃତଦେହ ସଂସ୍କାର କରିବା ଲାଗି ଆଗେଇ ଆସିବା ଏବଂ ଆବଶ୍ୟକସ୍ଥଳେ ଏଥିରେ ପ୍ରଶାସନକୁ ସହାୟତା କରିବା। କୁ ଲାଗି ବିଡିଓ, ତହସିଲଦାର ନିବେଦନ କରିଛନ୍ତି।

# ୬ଘଣ୍ଟା ପରେ ମଶାଣିକୁ ଗଲା ଶବ

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଷ୍ଟେଶନ ବଜାରରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତିଙ୍କ ଘରେ ରହି କାମ କରୁଥିବା ବୃଦ୍ଧା କମଳା ବେହେରା (୬୮)ଙ୍କ ମୃତ୍ୟୁ ଘଟିବା ପରେ କରୋନା ସନ୍ଦେହରେ କେହି ପାଖ ମାଡ଼ି ନ ଥିଲେ। ଦୀର୍ଘ ୬ଘଣ୍ଟା ମୃତଦେହ ପଡ଼ି ରହିବା ପରେ ସୂଚନା ପାଇ 'ହେଲ୍‌ପିଂ ହ୍ୟାଣ୍ଡ ସୋସିଓ ସ୍ପେସିଫିକ୍' ସଙ୍ଗଠନର ସଦସ୍ୟମାନେ ପହଞ୍ଚିଥିଲେ। ମାରୱାଡି ଯୁବମଞ୍ଚର 'ମୁକ୍ତିରଥ'ରେ ମରଶରୀରକୁ ବାଞ୍ଛାକୁସୁମ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ଅନୁଷ୍ଠାନର ଷ୍ଟାଲିନ ମହାନ୍ତି, ଅଜିତ ସିଂ, ପିନାକୀ ଦାସ, ସର୍ବେଶ୍ୱର ବେହେରା, ସୟଦ ସର୍ଫରାଜ ଅଲ୍ଲୀ, ମହମ୍ମଦ ସଲାଉଦ୍ଦିନ, ଯଶ୍ ଶର୍ମା, ସୋହେଲ ଆକ୍ରାମ ପ୍ରମୁଖ ଏଥିରେ ସାମିଲ ଥିଲେ।



ମୃତଦେହ ମଶାଣିକୁ ନିଆଯାଉଛି।


**Office of District Manager**
**ODISHA STATE CIVIL SUPPLIES CORPORATION LTD. (OSCSC)**
**Cuttack (District) Phone : 0671-2507744**
**District Web site : www.cuttack.nic.in**

Tender No. 1749 Dt-20.05.2021

District Manager, Odisha State Civil Supplies Corporation Ltd., Cuttack invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of **Handling** Contractor for handling of foodgrains (Rice & Wheat) at All RRCs Except PEG, Katarapa, Salipur. |
| 2 | Availability of bid document in the portal | From 21.05.2021 |
| 3 | Last Date / Time for receipt of bids in the portal | Dt.05.06.2021 up to 5 P.M. |
| 4 | Date/Time of Opening of Technical bid | Dt.07.06.2021 at 11.00 A.M. |
| 5 | Name and address of Officer Inviting Tender | District Manager, OSCSC Ltd., Chandinichowk, Cuttack (District) |

Tender documents and other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments / corrigendum / cancellation / retenders etc. if any shall be published only in above websites.

**Sd/-**
**District Manager,**
**OSCSC Ltd, Cuttack**



Odisha Coal and Power Limited OCPL

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
**Zone-A, Ground Floor, Fortune Towers, Chandrasekharpur,**
**Bhubaneswar – 751023, Odisha., Tel No: 0674-2300654 /2300664**

**SHORT NOTICE INVITING TENDER**

NITNo:OCPL/SER-124/2021
Date: 21/05/2021
Sealed bids in prescribed format are invited from companies/ agencies/firm for the following work:

| Sl. No. | Name of the work | Cost of tender paper | BID Security | Issue of tender document | Last date of sale/ download of tender document | Last date of submission / opening of bid |
|---|---|---|---|---|---|---|
| 01 | Transportation of Coal from Manoharpur Coal Mines to ACB / MCL Siding at Kanika, Sundargarh by Road | Rs.10,800/- (Rupees Ten thousand and eight hundred only) inclusive of GST @ 18%. | Rs.10,00,000/- (Rupees Ten lakhs only) | 21.05.2021 | 28.05.2021 | 11.00 A.M. on 31.05.2021<br>11.30 A.M. on 31.05.2021 |

For further details, bidders may visit our website, i.e. **www.ocpl.org.in**. Any clarification may please be addressed to the undersigned at the above address or by email to: **a.kanungo@ocpl.org.in**.

**Sd./- Addl. General Manager (C&CA)**

## ସଂକ୍ଷେପରେ

### ନାଳରେ ବୁଡ଼ି ଯୁବକ ମୃତ

**ଆଠମଲ୍ଲିକ,୨୦।୫(ଡି.ଏନ.ଏ.):** ଆଠମଲ୍ଲିକ ସହର ମାଣିକପଥର ଗ୍ରାମ ନିକଟ ଦେଇ ପ୍ରବାହିତ କୁକୁଡ଼ାଦରହ ପାହାଡି ନାଳର ବେଲଦରହଠାରେ ଗାଧୋଇବାକୁ ଯାଇ ଜଣେ ଯୁବକ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ଭାଗୀରଥି ସାହୁ (୪୫)। ପୋଲିସ କହିଛି, ଭାଗୀରଥି ଗୁରୁବାର ସକାଳେ ବାଇକ ଯୋଗେ କୋରାପୁଟ ଯାଉଥିଲେ। ଆଠମଲ୍ଲିକ ସହରଠାରୁ ୩ କିଲୋମିଟର ଯିବା ପରେ ମାଣିକପଥର ବେଲଦରହ ନାଳରେ ଗାଧୋଇବା ପାଇଁ ଅଟକିଥିଲେ। ସେଠାରେ ଗୋଧୋଇବା ସମୟରେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ଖବରପାଇ ଆଠମଲ୍ଲିକ ଅଗ୍ନିଶମ ବିଭାଗ ଅଧିକାରୀ ଅରୁଣ ନାଏକ ପହଞ୍ଚି କର୍ମଚାରୀଙ୍କ ଜରିଆରେ ପାଣି ଭିତରୁ ଯୁବକଙ୍କୁ ଉଦ୍ଧାର କରିଥିଲେ। ଆଠମଲ୍ଲିକ ଥାନା ଆଇଆଇସି ପ୍ରିୟବ୍ରତ ଦାସ ଓ ଏଏସ୍ଆଇ ଗୌରାଙ୍ଗ ବେହେରା ତାଙ୍କୁ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ନଂ. ୦୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ସୂଚନା ଦେଇଛି।

### ଗ୍ରାମାଞ୍ଚଳରେ ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା

**ବଇଣ୍ଡା,୨୦।୫(ଡି.ଏନ.ଏ.):** କିଶୋରନଗର ବ୍ଲକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ବିଶେଷକରି ଗ୍ରାମାଞ୍ଚଳରେ ଗୋଷ୍ଠୀ ସଂକ୍ରମଣ ଏବେ ପ୍ରଶାସନ ପାଇଁ ଚିନ୍ତାର ବିଷୟ ହୋଇଛି। ବିଶେଷକରି ବଇଣ୍ଡା ତଥା ଆଖପାଖ ଗ୍ରାମରେ ପଜିଟିଭ୍ ସଂଖ୍ୟା ବଢ଼ୁଛି। ଗୁରୁବାର ବଡ ଗୋବିନ୍ଦପୁର ଗ୍ରାମରେ ୨୫ ଜଣଙ୍କ ସ୍ୱାବ୍ ଟେଷ୍ଟ ହୋଇଥିବାବେଳେ ୨୧ ଜଣଙ୍କ ପଜିଟିଭ୍ ବାହାରିଥିଲା। ସେହିପରି ପଦ୍ମପୁର ଗ୍ରାମରେ ୨୦ ଜଣଙ୍କ ସ୍ୱାବ୍ ଟେଷ୍ଟ ହୋଇଥିବାବେଳେ ୧୧ ଜଣଙ୍କ ପଜିଟିଭ୍ ବାହାରିଥିବା ଜଣାପଡିଛି। କେତେଜଣ ଆକ୍ରାନ୍ତ ସଙ୍ଗରୋଧରେ ନ ରହି ବାହାରେ ବୁଲୁଥିବା ଯୋଗୁ ଗୋଷ୍ଠୀ ସଂକ୍ରମଣ ବଢୁଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ପଜିଟିଭ୍ ବ୍ୟକ୍ତି ଘରେ ରହିବା ସହ ନିୟମ ମାନି ଚଳିଲେ ସଂକ୍ରମଣ ବଢିବନି ବୋଲି ଡ. ସରୋଜ କୁମାର ନନ୍ଦ କହିଛନ୍ତି।

### କଟକଣା ମାନୁନାହାନ୍ତି ବ୍ୟବସାୟୀ

**ଖମାର,୨୦।୫:** ପାଲଲହଡ଼ା ବ୍ଲକ ଖମାର ଅଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ବହୁ ଗାଁରୁ ଦୈନିକ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଇତିମଧ୍ୟରେ କେତେଜଣଙ୍କ ମୃତ୍ୟୁ ମଧ୍ୟ ଘଟିସାରିଲାଣି। ସ୍ଥିତି ଖରାପ ଆଡ଼କୁ ଗତି କରୁଥିବାବେଳେ କେତେଜଣ ଲୋକ ଓ ବ୍ୟବସାୟୀ କୋଭିଡ୍ କଟକଣା ମାନୁନାହାନ୍ତି। ବିଶେଷକରି ବହୁ ଯୁବଗୋଷ୍ଠୀ କ୍ରିକେଟ ଖେଳିବା, ବିନା କାରଣରେ ବାଇକ୍ ଧରି ବୁଲିବା, ଭୋଜି କରିବା, ତାସ ଖେଳୁଥିବା ଦେଖାଯାଉଛି। ସେହିପରି କେତେଜଣ ଲାଭଖୋର ବ୍ୟବସାୟୀ ଲକ୍‌ଡାଉନ୍ କଟକଣା ଓ ବଜାର କମିଟି ଗାଇଡ୍‌ଲାଇନ ନ ମାନି ଦୋକାନ ଖୋଲି ବ୍ୟବସାୟ କରୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ୩୦ ହଜାର ଜରିମାନା ଆଦାୟ

**ଅନୁଗୋଳ ଅଫିସ, ୨୦।୫:** ଅନୁଗୋଳ ପୋଲିସ ପକ୍ଷରୁ ଗୁରୁବାର ସହରରେ ବିନା କାରଣରେ ବୁଲୁଥିବା ଅମାନିଆଙ୍କ ନିକଟରୁ ଜରିମାନା ଆଦାୟ କରାଯାଇଛି। ସେହିଭଳି କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ବ୍ୟବସାୟୀଙ୍କ ନିକଟରୁ ମଧ ଜରିମାନା ଆଦାୟ କରାଯାଇଛି। କେତେଜଣ ବ୍ୟବସାୟୀ ସହରରେ ବାରମ୍ବାର ନିୟମ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଛି। ଏମାନଙ୍କ ଠାରୁ ମୋଟା ଅଙ୍କରେ ଜରିମାନା ଆଦାୟ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ମୋଟ୍ ପାଖାପାଖି ୩୦ ହଜାର ଟଙ୍କା ଜରିମାନା ଅମାନିଆ ଓ ବ୍ୟବସାୟୀଙ୍କ ନିକଟରୁ ଆଦାୟ କରାଯାଇଥିବା ସୂଚନା ପ୍ରଦାନ କରାଯାଇଛି। ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ଏକ ସ୍ୱତନ୍ତ୍ର ଟିମ୍ ନେଇ ସହରରେ ଚଢ଼ାଉ କରିଥିଲେ।

### ଔଷଧ ଦୋକାନ ସିଲ୍

**ଛେଣ୍ଡିପଦା,୨୦।୫(ସ୍ୱ.ପ୍ର):** ଛେଣ୍ଡିପଦା ବ୍ଲକ ବାଗଡିଆ ଗ୍ରାମରେ ଗୁରୁବାର କୋଭିଡ ନିୟମ ଉଲ୍ଲଂଘନ ଅଭିଯୋଗରେ ପୋଲିସ ଗୋଟିଏ ଔଷଧ ଦୋକାନକୁ ସିଲ୍ କରିଛି। ବାଗଡିଆ ଗ୍ରାମର ମେଡିକାଲ ଛକରେ ଥିବା ଔଷଧ ଷ୍ଟୋରକୁ ୭ଦିନ ପାଇଁ ବନ୍ଦ କରିଦିଆଯାଇଛି। ଏହି ଚଢ଼ାଉରେ ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ, ବାଗଡିଆ ଫାଣ୍ଡି ପୋଲିସ ଏଏସ୍ଆଇ ରମେଶ ଚନ୍ଦ୍ର ପ୍ରଧାନ ସାମିଲ ଥିଲେ। ଏହାବ୍ୟତିତ ଅମାନିଆଙ୍କଠାରୁ ୩ ହଜାର ଟଙ୍କା ମଧ ଜରିମାନା ଆଦାୟ କରାଯାଇଛି।

# ଉପଖଣ୍ଡରେ ବଢୁଛି ଚୋରା ମଦ କାରବାର

**ପରିକ୍ଷିତ ସାହୁ**
**ବଇଣ୍ଡା,୨୦।୫**



ଉଦ୍‌ଘାଟନ ଅପେକ୍ଷାରେ ଅବକାରୀ ଥାନା।

- ବାଇକ୍ ଯୋଗେ ଗାଁକୁ ଚାଲାଣ କରାଯାଉଛି
- ଠିକ୍ ଭାବେ ଚଢ଼ାଉ ହେଉ ନ ଥିବା ଅଭିଯୋଗ
- କାର୍ଯ୍ୟକ୍ଷମ ହେଉନି ଅବକାରୀ ଥାନା

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ଚୋରା ମହୁଲି ମଦ କାରବାର ବୃଦ୍ଧି ପାଇଛି। ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ଠିକ୍ ଭାବେ ଚଢ଼ାଉ କରାଯାଉ ନ ଥିବା ଯୋଗୁ ଚୋରା ମଦ ବ୍ୟବସାୟୀମାନେ ଖୋଲାଖୋଲି ଭାବେ ଏହି କାରବାର ଚଳାଇଛନ୍ତି। ଏପରି କି ବିଭାଗର କେତେଜଣ କର୍ମଚାରୀଙ୍କୁ ହାତ କରି ଦୈନିକ ଦେଶୀ ମଦ ଭାଟି କର୍ମଚାରୀମାନେ ବାଇକ୍ ଯୋଗେ ବିଭିନ୍ନ ଗ୍ରାମକୁ ଚୋରା ମଦ ଚାଲାଣ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ବିଶେଷକରି ହଣ୍ଡପା, କିଶୋରନଗର, କିଆକଟା, ଆଠମଲ୍ଲିକ, ଠାକୁରଗଡ ଥାନାର ବଇଣ୍ଡା, ଜମୁନାଳି, ମଧପୁର, ହିଞ୍ଜିରିଡା, ବିଲେଇନାଳି, ବୁଢୁଲିମୁଣ୍ଡା, କନ୍ଧରାମୁଣ୍ଡା, ଆମ୍ବାପାଳ, ହିମିତିରା, ଜଏରାଟ, ଧଉରାପାଲି, ସଞ୍ଜାମୁରା, ରଣିଆକଟା, ଉରୁକୁଳା, ସାନହୁଲା, ପେଡିପଥର, ମଇମୁରା, ସପଘରା, ହାଟପଦା, ପତାକା, ଆଠମଲ୍ଲିକ, ଜମୁଡୋଲି, ଲୁହାସିଂହା, ମାଧପୁର, ପୁରୁଣାମାଣିତ୍ରି, କିଆକଟା, ବାସୁଦେବପୁର ଅଞ୍ଚଳରେ ଏହି ଚୋରା ମଦ କାରବାର ବୃଦ୍ଧି ପାଉଛି। କେତେଜଣ ଚୋରା ମଦ ବ୍ୟବସାୟୀ ବିଭିନ୍ନ ଗୁପ୍ତ ସ୍ଥାନରେ ଦେଶୀ ମହୁଲି ମଦ ରାନ୍ଧି ବ୍ୟବସାୟ କରୁଛନ୍ତି। ହେଲେ ଅବକାରୀ ବିଭାଗ ପକ୍ଷରୁ କେଉଁଠି କାଁ ଭାଁ ଚଢାଉ କରାଯାଇ ୫ ରୁ ୧୦ ଲିଟର ମଦ ଜବତ କରାଯାଉଛି।

ଏପ୍ରିଲ ଓ ମେ ମାସରେ ଅବକାରୀ ବିଭାଗ ପକ୍ଷରୁ ଆଠମଲ୍ଲିକ ଥାନାର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୩୦ ଲିଟର ମଦ ଜବତ ସହ ୧୪୦୦ କେଜି ମହୁଲ ପୋଚ ନଷ୍ଟ କରାଯାଇଛି। ଏ ନେଇ ୪ଟି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଠାକୁରଗଡ ଥାନା ଅଞ୍ଚଳରେ ୧୩୦ ଲିଟର ମହୁଲି ମଦ ଜବତ କରାଯାଇଛି। ୧୧ଟି ମାମଲାରେ ୧୧ ଜଣଙ୍କୁ ଗିରଫ କରାଯାଇଛି। ହଣ୍ଡପା ଥାନା ଅଞ୍ଚଳରେ ୧୫ ଲିଟର ମଦ ଜବତ ସହ ୧୨୦୦ କେଜି ମହୁଲ ପୋଚ ନଷ୍ଟ କରାଯାଇଛି। ୨ଟି ମାମଲାରେ ୨ ଜଣ ଗିରଫ ହୋଇଛନ୍ତି। କିଶୋରନଗର ଥାନା ଅଞ୍ଚଳରୁ ୧୩୦ ଲିଟର ଦେଶୀ ମହୁଲି, ୪ ଲିଟର ବିଦେଶୀ ମଦ ଓ ୧୫ କୁଇଣ୍ଟାଲ ମହୁଲ ଜବତ କରାଯାଇଛି। ୧୨ଟି ମାମଲା ରୁଜୁ କରାଯିବା ସହ ୧୧ ଜଣଙ୍କୁ ଗିରଫ କରାଯାଇଛି। ବଇଣ୍ଡା ଠାରେ ଏକ ଅବକାରୀ ଥାନା ନିର୍ମାଣ ହୋଇଥିଲେ ମଧ ତାହା ଏଯାଏ କାର୍ଯ୍ୟକ୍ଷମ ହୋଇନାହିଁ। ଏହି ଥାନା ଅଧୀନରେ କିଶୋରନଗର ବ୍ଲକର ୨୩ ପଞ୍ଚାୟତ ଥିବାବେଳେ ଦୀର୍ଘ ଦିନ ହେବ ଉପନିରୀକ୍ଷକ ପଦବୀ ଖାଲିପଡ଼ିଛି। ଜଣେ ସହକାରୀ ଉପ ନିରୀକ୍ଷକ ଓ ଜଣେ ମହିଳା କନଷ୍ଟେବଳ ନିଯୁକ୍ତ ହୋଇଥିଲେ ମଧ ସେମାନେ ଅନୁଗୋଳରେ ରହୁଛନ୍ତି। ଫଳରେ ଥାନା ଅଞ୍ଚଳରେ ଚୋରା ମଦ କାରବାର ବଢୁଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଆଠମଲ୍ଲିକ ଅବକାରୀ ବିଭାଗ ଉପ ନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି କହିଛନ୍ତି, ବିଭାଗ ପକ୍ଷରୁ ଅନେକ ସମୟରେ ଉପଖଣ୍ଡର ବିଭିନ୍ନ ଗ୍ରାମରେ ଚଢାଉ କରାଯାଇ ମଦ ଜବତ କରାଯାଉଛି। ବଇଣ୍ଡାଠାରେ ହୋଇଥିବା ନୂତନ ଥାନା କାମ ଶେଷ ହୋଇ ନ ଥିବାରୁ ବିଭାଗକୁ ହସ୍ତାନ୍ତର ହୋଇନାହିଁ।

**ଅବକାରୀ ଥାନା କାର୍ଯ୍ୟକ୍ଷମ ହେଉନି**



ବଇଣ୍ଡା ଅଞ୍ଚଳରେ ନିର୍ମାଣ ହୋଇଥିବା ଅବକାରୀ ଥାନା କାର୍ଯ୍ୟକ୍ଷମ ହେଉନାହିଁ। ନିଯୁକ୍ତ କର୍ମଚାରୀମାନେ ମଧ ଏଠାରେ ରହୁ ନାହାନ୍ତି। ଚଳିତବର୍ଷ ମହୁଲ ଫୁଲ ପ୍ରଚୁର ମାତ୍ରାରେ ସଂଗ୍ରହ ହୋଇଥିବାରୁ କେତେଜଣ ଯୁବକ ମଦ ରାନ୍ଧି ବ୍ୟବସାୟ କରୁଛନ୍ତି।

-ରଣଜିତ ପଟ୍ଟନାୟକ, ସାମାଜିକ କର୍ମୀ, ବଇଣ୍ଡା

**ଠିକ୍ ଭାବେ ଚଢ଼ାଉ କରାଯାଉନି**



ପଞ୍ଚାୟତର ଅନେକ ବିଦ୍ୟାଳୟ ନିକଟରେ ଚୋରା ଦେଶୀ ମହୁଲି ମଦ ବିକ୍ରି ହେଉଛି। କରୋନା ପାଇଁ ଠିକ୍ ଭାବେ ଚଢାଉ ହେଉ ନ ଥିବା ଯୋଗୁ ଗ୍ରାମାଞ୍ଚଳରେ ନିଶା କାରବାର ବୃଦ୍ଧିପାଉଛି। ଏଥିପ୍ରତି ପୋଲିସ ଓ ଅବକାରୀ ବିଭାଗ ଦୃଷ୍ଟି ଦେବା ଆବଶ୍ୟକ।

-ସନ୍ତୋଷ ଦେହୁରୀ, ସାନଗୋବିନ୍ଦପୁର

**ନୂଆ ବ୍ୟବସାୟୀଙ୍କୁ ଗିରଫ କରାଯାଉନି**



ଘନ ଘନ ଚଢ଼ାଉ କରା ନ ଯାଇ କେତେଜଣ ପୁରୁଣା ଚୋରା ମଦ ବ୍ୟବସାୟୀଙ୍କୁ ପ୍ରତିବର୍ଷ ୨ ଥର ଲେଖାଏ ଗିରଫ କରି କାମ ସାରିଦିଆଯାଉଛି। ନୂଆ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଉନାହିଁ। ବିଭାଗୀୟ ଅଧିକାରୀମାନେ ଚାହିଁଲେ ଏହି କାରବାରକୁ ରୋକା ଯାଇପାରିବ।

-ଅଞ୍ଜନ କୁମାର ପ୍ରଧାନ, ବରିଷ୍ଠ ଆଇନଜୀବୀ, ଆଠମଲ୍ଲିକ

**ଚଢ଼ାଉ ପୂର୍ବରୁ ଫେରାର ହେଉଛନ୍ତି**



କରୋନା ପାଇଁ ଏବେ ଠିକ୍ ଭାବେ ଚଢ଼ାଉ ହେଉନାହିଁ। ଏହାର ସୁଯୋଗ ନେଇ ଗ୍ରାମାଞ୍ଚଳର କେତେଜଣ ଯୁବକ ଜଙ୍ଗଲିଆ ସ୍ଥାନରେ ମହୁଲ ଫୁଲ ରାନ୍ଧି ବିକ୍ରି କରୁଛନ୍ତି। ଚଢ଼ାଉ ପୂର୍ବରୁ ବ୍ୟବସାୟୀମାନେ ସାମଗ୍ରୀ ଲୁଚାଇ ଫେରାର ହୋଇଯାଉଛନ୍ତି।

-ଗରକି ଦେଓ, ନାକିଚି

### ୫ ଗ୍ରାମ କଣ୍ଟେନ୍‌ମେଣ୍ଟ



ଲୁଣହାଣ୍ଡି ଗ୍ରାମ ପ୍ରବେଶ ପଥରେ ବାଡ଼ ଦିଆଯାଇଛି।

**ମାଧପୁର/ ବଇଣ୍ଡା,୨୦।୫**

ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳର ୩ଟି ପଞ୍ଚାୟତର ୫ଟି ଗ୍ରାମକୁ ଗୁରୁବାର କଣ୍ଟେନ୍‌ମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। କମ୍ପଲା ପଞ୍ଚାୟତର ୩ଟି ଗ୍ରାମ କମ୍ପଲା, ଜୁଡୁମ ଏବଂ ଦେଉଳିକୁ ସ୍ଥାନୀୟ ସରପଞ୍ଚ ରେବତୀ ନାୟକ ୭ ଦିନ ପାଇଁ କଣ୍ଟେନ୍‌ମେଣ୍ଟ ଘୋଷଣା କରିଛନ୍ତି। ସେହିପରି ଲୁଣହାଣ୍ଡି ସରପଞ୍ଚ ସିପାପତି ମୁଣ୍ଡା ଲୁଣହାଣ୍ଡି ଗ୍ରାମ ଏବଂ କନ୍ଧପଡା ସରପଞ୍ଚ କନ୍ଧପଡା ଗ୍ରାମରେ ସଂକ୍ରମଣ ରୋକିବା ଉଦ୍ଦେଶ୍ୟରେ ୭ଦିନ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରିଥିବା ଜଣାଯାଇଛି। ସେହିପରି କିଶୋରନଗର ବ୍ଲକ ଧଉରାପାଲି ପଞ୍ଚାୟତକୁ ଗୁରୁବାର ସନ୍ଧ୍ୟା ୬ଟାରୁ ୨୫ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୫ ଦିନ ଧରି କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ସମସ୍ତ ଦୋକାନ ବଜାର ବନ୍ଦ ସହ ଘରୁ କେହି ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି। ଏ ନେଇ ବ୍ଲକ ପ୍ରଶାସନ ପଞ୍ଚାୟତ ପକ୍ଷରୁ ମାଇକ ଯୋଗେ ପ୍ରଚାର ମାଧମରେ ଅବଗତ କରାଯାଇଛି।

### ୨ ପଞ୍ଚାୟତ ଶଟ୍‌ଡାଉନ

**ଛେଣ୍ଡିପଦା,୨୦।୫(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଚାଙ୍ଗୁଡିଆ ଓ କୋରଡା ପଞ୍ଚାୟତକୁ ଶଟ୍‌ଡାଉନ ଘୋଷଣା କରାଯାଇଛି। କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସରପଞ୍ଚ ନନ୍ଦିନୀ ସାହୁ ୨୦ ତାରିଖ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଓ କୋରଡା ସରପଞ୍ଚ ଅନିଲ ବିହାରୀ ମାଝି ୨୧ ତାରିଖଠାରୁ ୨୭ ତାରିଖ ପର୍ଯ୍ୟନ୍ତ ପଞ୍ଚାୟତକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଜରୁରୀ ସେବା ବ୍ୟତୀତ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିବ। ଏ ନେଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା କରାଯାଇଛି।

# ଶୁଭାରମ୍ଭ ହେଲା ରାଜସ୍ୱ ରଥ



ରାଜସ୍ୱ ରଥର ଶୁଭାରମ୍ଭ କରାଯାଉଛି।

**ଅନୁଗୋଳ ଅଫିସ,୨୦।୫**

କରୋନା ସମୟରେ ଲୋକମାନଙ୍କୁ ରାଜସ୍ୱ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଅନୁଗୋଳ ତହସିଲ ପକ୍ଷରୁ ରାଜସ୍ୱ ରଥର ଶୁଭାରମ୍ଭ କରାଯାଇଛି। ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟ ପରିସରରୁ ଏହି ରଥକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶୁଭାରମ୍ଭ କରିବା ସହ ନାଗରିକ କୈନ୍ଦ୍ରିକ ରାଜସ୍ୱ ସେବା ସମ୍ପର୍କରେ ଏହି ରଥ ଜନସାଧାରଣଙ୍କୁ ସଚେତନ କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ତହସିଲଦାର ବିମଳ କୁମାର ଲେଙ୍କାଙ୍କ ସମେତ ଅନ୍ୟ ରାଜସ୍ୱ କର୍ମଚାରୀ ଉପସ୍ଥିତ ଥିଲେ।

# ହଜାରେ ମୁହାଁ ଦୈନିକ ସଂକ୍ରମଣ

**ଅନୁଗୋଳ ଅଫିସ,୨୦।୫**

ଅନୁଗୋଳ ଜିଲାରେ ଦୈନିକ କରୋନା ସଂକ୍ରମଣ ଏବେ ହଜାରେ ମୁହାଁ। ଗୁରୁବାର ଜିଲାରୁ ୯୧୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୨୬ ହଜାର ୯୪୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଛେଣ୍ଡିପଦା ବ୍ଲକରୁ ୧୮୫, ବଣଁରପାଳ ବ୍ଲକ ଅଞ୍ଚଳରୁ ୧୩୮, ଅନୁଗୋଳ ବ୍ଲକ ଅଞ୍ଚଳରୁ ୧୧୯, ଅନୁଗୋଳ ପୌରାଞ୍ଚଳରୁ ୮୦, କଣିହାଁ ବ୍ଲକ ଅଞ୍ଚଳରୁ ୭୧, କିଶୋରନଗର ବ୍ଲକ ଅଞ୍ଚଳରୁ ୬୭, ତାଳଚେର ବ୍ଲକ ଅଞ୍ଚଳରୁ ୬୭, ଆଠମଲ୍ଲିକ ବ୍ଲକରୁ ୫୪, ପାଲଲହଡା ବ୍ଲକ ଅଞ୍ଚଳରୁ ୨୮, ତାଳଚେର ପୌରାଞ୍ଚଳରୁ ୨୪ ଓ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୧୬ଜଣ ରହିଛନ୍ତି। ଲକ୍ଷଣଯୁକ୍ତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଏବଂ ୯୯ ଜଣଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ଦିନକରେ ଜିଲାରୁ ୫୩୧ଜଣ ସୁସ୍ଥ ହୋଇଥିବାବେଳେ ମୃତକଙ୍କ ସଂଖ୍ୟା ୬୭ରେ ପହଞ୍ଚିଛି।

# କାରାଗାରରେ ପଶିଲା କରୋନା



ଆକ୍ରାନ୍ତଙ୍କୁ ମେଡିସିନ ଦେବାକୁ ସ୍ୱାସ୍ଥ୍ୟକର୍ମୀ ଜେଲ ଭିତରକୁ ଯାଉଛନ୍ତି।

**ଅନୁଗୋଳ ଅଫିସ, ୨୦।୫**

**୨୬ ଆକ୍ରାନ୍ତଙ୍କ ମଧ୍ୟରୁ ୨ ଗୁରୁତର**

ଅନୁଗୋଳ ଜିଲାରେ ବଢୁଥିବା କରୋନା ସଂକ୍ରମଣରୁ କାରାଗାରର କଏଦୀ ମଧ ବର୍ତ୍ତିପାରି ନାହାନ୍ତି। ଜେଲ ମଧ୍ୟରୁ ଗୁରୁବାର ୨୬ ଜଣ କରୋନାରେ ଆକ୍ରନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି। ଏନ୍ୟ ୨୪ ଜଣଙ୍କୁ କାରାଗାରରେ ଥିବା ଆଇସୋଲେଶନ୍ ୱାର୍ଡରେ ରଖାଯାଇଛି। ସେମାନଙ୍କୁ ମେଡିସିନ୍ କିଟ୍ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ମେଡିକାଲ ସୂତ୍ରରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଅନୁଗୋଳ ଜେଲରେ ଏବେ ୩ଶହରୁ ଉର୍ଦ୍ଧ୍ୱ ବିଚାରାଧୀନ ବନ୍ଦୀ ଓ ବିଭିନ୍ନ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ସଜା କାଟୁଥିବା କଏଦୀ ରହୁଛନ୍ତି। ତେବେ ଜେଲରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ସେଠାରେ କରୋନା ପରୀକ୍ଷାକୁ ଜୋରଦାର କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗୁରୁତରଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି।

# ଆଠମଲ୍ଲିକ କଲେଜରେ ଖୋଲାଯିବ ସିସିସି

**ଆଠମଲ୍ଲିକ,୨୦।୫(ଡି.ଏନ.ଏ.)**

**ଧରିତ୍ରୀ ପ୍ରଭାବ**

ଆଠମଲ୍ଲିକ ଉପଖଣ୍ଡରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ତୁରନ୍ତ ଏକ କୋଭିଡ୍ କେୟାର ସେଣ୍ଟର (ସିସିସି) ଖୋଲାଯିବା ପାଇଁ ଦାବି ହୋଇଆସୁଥିଲା। ଏ ନେଇ ଗୁରୁବାର 'ଧରିତ୍ରୀ'ରେ ସ୍ୱତନ୍ତ୍ର ଷ୍ଟୋରୀ ପ୍ରକାଶ ପରେ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଠମଲ୍ଲିକ କଲେଜଠାରେ ୪୦ ଶଯ୍ୟା ବିଶିଷ୍ଟ ସିସିସି ଖୋଲାଯିବ ବୋଲି ନିଷ୍ପତ୍ତି ନେଇଛନ୍ତି। ଏସ୍‌ଡିଏମ୍‌ଓ ଡାକ୍ତର ସୁନୀଲ କୁମାର ପଣ୍ଡା ଓ ଭାରପ୍ରାପ୍ତ ଏସ୍‌ଡିଏମଓ ଡାକ୍ତର ଅନୀଲ କୁମାର ଦେ ମେଡିକାଲ କର୍ମଚାରୀମାନଙ୍କ ସହଯୋଗରେ କୋଭିଡ୍ ରୋଗୀଙ୍କ ଚିକିତ୍ସା, ଡାକ୍ତରଖାନାର ଯନ୍ତ୍ରପାତିର ତଦାରଖ ଓ କୋଭିଡ୍ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଖବର ପ୍ରଦାନ କରିବେ। ସେହିଭଳି ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ସବୁପ୍ରକାର ପରିଚାଳନା ଓ ସମନ୍ୱୟ ରକ୍ଷା କରିବା ସହ ଖାଦ୍ୟ ପାନୀୟ ବ୍ୟବସ୍ଥା, ପାଇଖାନା ଓ ହଷ୍ଟେଲ ଗୁଡିକର ସଫେଇ, ବିଦ୍ୟୁତ୍ ଯୋଗାଣ ଆଦି ବ୍ୟବସ୍ଥାର ତଦାରଖ କରିବେ। ଏନ୍‌ଏସି ହିସାବ ରକ୍ଷକ ଶିବାଶିଷ ସାହୁ ଓ କନିଷ୍ଠଯନ୍ତ୍ରୀ ଘନଶ୍ୟାମ ତ୍ରିପାଠୀଙ୍କୁ ଯୋଗାଯୋଗ, ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ ସରୋଜ ଦାସଙ୍କୁ ପରିଚାଳନା ଓ ହେଲ୍ପ ଡେସ୍କ ଦାୟିତ୍ୱ ଦିଆଯାଇଛି। ଜିଲାପାଳ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଅପରାହ୍ନରେ ତହସିଲଦାର ସ୍ୱରୂପାନନ୍ଦ ସାହୁ, ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ଆଠମଲ୍ଲିକ କଲେଜକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ଜଣାଯାଇଛି। ଏହା ଜଣାପଡ଼ିବା ପରେ ଉପଖଣ୍ଡ ଅଞ୍ଚଳବାସୀ 'ଧରିତ୍ରୀ'କୁ ଧନ୍ୟବାଦ ଜଣାଇଛନ୍ତି।



କୋଭିଡ୍ କେୟାର ସେଣ୍ଟରର ସ୍ଥିତି ଅନୁଧ୍ୟାନ କରାଯାଉଛି।

# ଆରମ୍ଭ ହେଲା କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍

**ଅନୁଗୋଳ ଅଫିସ, ୨୦।୫**



କୋଭିଡ୍ ମ୍ୟାନେଜମେଣ୍ଟ ସିଷ୍ଟମର କମାଣ୍ଡ ଆଣ୍ଡ କଣ୍ଟ୍ରୋଲରୁମ୍ ଉଦ୍‌ଘାଟନ କରାଯାଉଛି।

- ଜିଲାପାଳ କଲେ ଉଦ୍‌ଘାଟନ
- ୨୪ ଘଣ୍ଟିଆ ମିଳିବ କୋଭିଡ୍ ସୂଚନା

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ମ୍ୟାନେଜମେଣ୍ଟ ସିଷ୍ଟମର କମାଣ୍ଡ ଆଣ୍ଡ କଣ୍ଟ୍ରୋଲରୁମ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ କୋଭିଡ୍ ଲାବ୍ ପରିସରରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି କଣ୍ଟ୍ରୋଲ ରୁମ୍ ଦ୍ୱାରା କୋଭିଡ୍ ରୋଗୀଙ୍କ ସମ୍ପର୍କୀୟମାନେ ରୋଗୀଙ୍କ ବିଷୟରେ ସୂଚନା ପାଇପାରିବେ। ରୋଗୀମାନଙ୍କ ନିକଟରେ ଆମ୍ବୁଲାନ୍ସ ମଧ ଠିକ୍ ସମୟରେ ପହଞ୍ଚି ପାରିବ ବୋଲି ଜିଲାପାଳ ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି।

ଏହି କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍‌ରେ ମୋଟ୍ ୪୦ ଜଣ ୪ଟି ପର୍ଯ୍ୟାୟରେ କାର୍ଯ୍ୟ କରିବେ। ପ୍ରତି ପର୍ଯ୍ୟାୟ ଦାୟିତ୍ୱରେ ଜଣେ ପ୍ରଶାସିନକ ଅଧିକାରୀ, ଡାକ୍ତର, ପରିବହନ କାର୍ଯ୍ୟାଳୟ କର୍ମଚାରୀ ଓ କଣ୍ଟ୍ରୋଲ ରୁମ୍ କର୍ମଚାରୀମାନେ ରହିବେ। କଣ୍ଟ୍ରୋଲ ରୁମ୍‌ରେ ଏଲଇଡି ଟିଭି ଲଗାଯାଇଥିବାବେଳେ ପ୍ରତି ସିସିସି ଓ କୋଭିଡ୍ ହସ୍ପିଟାଲରେ ଥିବା ଅକ୍ସିଜେନ୍, ବେଡ୍, ରୋଗୀଙ୍କ ସଂଖ୍ୟା ସମ୍ପର୍କରେ ସବିଶେଷ ତଥ୍ୟ ରହିବ। ସେହିପରି କେଉଁ ଅଞ୍ଚଳରେ କଣ୍ଟେନମେଣ୍ଟ ଓ କେଉଁ ଅଞ୍ଚଳରେ ସ୍ୱାବ୍ ପରୀକ୍ଷା କରାଯିବ, ତାହା କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍‌ରେ ରହିପାରିବ। ଏଥିସହ କେଉଁ ଆମ୍ବୁଲାନ୍ସ କେଉଁ ଅଞ୍ଚଳରେ ରହିଛି ସେ ସମ୍ପର୍କରେ ଜଣାପଡ଼ିବ। କେଉଁ ମେଡିକାଲରେ କେତେ ସଂଖ୍ୟାରେ ବେଡ୍ ରହିଛି, କେତେ ଅକ୍ସିଜେନ୍ ରହିଛି, ରୋଗୀଙ୍କ ସଂଖ୍ୟା କେତେ ତାହା ଅବଗତ ହେବା ପରେ ତୁରନ୍ତ ରୋଗୀଙ୍କୁ ଚିକିତ୍ସା ଯୋଗାଇବା ସହ ଖାଲି ଥିବା ମେଡିକାଲକୁ ପଠାଯିବ। ସେହିପରି ଅକ୍ସିଜେନ୍ ଅଭାବ ମଧ ଦୂର ହେବ। ଏହି କଣ୍ଟ୍ରୋଲ ରୁମ୍‌ର ସମ୍ପୂର୍ଣ୍ଣ ବିବରଣୀ ଜିଲାରେ ଥିବା ପ୍ରତି ବ୍ଲକ କାର୍ଯ୍ୟାଳୟ ସହ ତହସିଲ କାର୍ଯ୍ୟାଳୟ ଓ ଜିଲାପାଳଙ୍କ ନିକଟରେ ଉପଲବ୍ଧ ହୋଇପାରିବ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅଭୟ କୁମାର ଦାଶ, ଏଡିଏମ୍‌ଓ (ମେଡିକାଲ) ମାନସ ରଞ୍ଜନ ବିଶ୍ୱାଳ, ଏଡିଏମ୍‌ଓ(ଜନସ୍ୱାସ୍ଥ୍ୟ) ଧନଞ୍ଜୟ ବେହେରା, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ମେଡିକାଲ ମ୍ୟାନେଜର ଦେବାଶିଷ ଦାସଙ୍କ ସହ ଅନ୍ୟ ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ପୌରପାଳିକା ପକ୍ଷରୁ ଖାଦ୍ୟ ବଣ୍ଟନ

**ଅନୁଗୋଳ ଅଫିସ, ୨୦।୫**

ଅନୁଗୋଳ ପୌରପାଳିକା ପକ୍ଷରୁ ସହରରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଅପରାହ୍ନରେ ଗରିବ ଓ ଅସହାୟ ଲୋକଙ୍କୁ ଶୁଖିଲା ଖାଦ୍ୟ ପୁଡ଼ିଆ ବଣ୍ଟନ କରାଯାଇଥିବାବେଳେ ରାତିରେ ବୁଲା ଗୋରୁ ଓ କୁକୁରଙ୍କୁ ଖାଦ୍ୟ ଦିଆଯାଇଥିଲା। ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ଅଧୀନରେ ପୌରପାଳିକା ନୋଡାଲ ଅଧିକାରୀ ନିର୍ମଳ ବେହେରା ଓ ଅନ୍ୟ କର୍ମଚାରୀମାନେ ଏହି କାର୍ଯ୍ୟରେ ନିୟୋଜିତ ଥିଲେ। ସହରରେ ଥିବା ୧୦୦ ଅସହାୟ ଓ ଠେଲା ବ୍ୟବସାୟୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟ ଆଗକୁ ଜାରି ରହିବ ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ଏହି ଶୁଖିଲା ଖାଦ୍ୟ ପ୍ୟାକେଟ୍ ଜେଏସ୍‌ପିଏଲ୍ ପକ୍ଷରୁ ଜିଲା ପ୍ରଶାସନକୁ ଦିଆଯାଇଥିବାବେଳେ ପୌର ପାଳିକା ପକ୍ଷରୁ ଏହା ବଣ୍ଟନ କରାଯାଇଛି। ସେହିପରି ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ବୁଲା ଗୋରୁ ଓ କୁକୁରଙ୍କୁ ଖାଦ୍ୟ ବଣ୍ଟନ କାର୍ଯ୍ୟ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ପୌର ନିର୍ବାହୀ ଅଧିକାରୀ ମଲ୍ଲିକ କହିଛନ୍ତି।

